କରିଥାନ୍ତି । ତେଣୁ ଯୌନ ଦୁଷ୍କର୍ମ କୁ ଯୌନ କ୍ରୀଡା କହିବା ଆଦୌ ଗ୍ରହଣୀୟ ନୁହେଁ । ଯୌନ ଦୁଷ୍କର୍ମ ଏକ ବ୍ୟକ୍ତି ଉପରେ ଘଟୁଥିବା ହିଂସା । ଏହାକୁ କଷ୍ଟ, ଯନ୍ତ୍ରଣା, ଅପମାନ ଦେବା ପାଇଁ ଯୌନ ସମ୍ପର୍କକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରାଯାଇଥାଏ ।

**୯) ମହିଳାମାନେ ଏକୁଟିଆ ରାତିରେ ବାହାରକୁ ଯିବା କଥା ନୁହେଁ । କାରଣ ପ୍ରାୟତଃ ବିଳମ୍ବିତ ରାତିରେ ବାହାରେ ଯୌନଦୁଷ୍କର୍ମର ଶିକାର ମହିଳାମାନେ ହୋଇଥାନ୍ତି । ତେଣୁକରି ବାହାରକୁ ଏକୁଟିଆ ରାତିରେ ନ ଯାଇ ମହିଳାମାନେ ନିଜକୁ ଯୌନ ଦୁଷ୍କର୍ମ ହେବାରୁ ରକ୍ଷା କରିପାରିବେ ।**

ସାଧାରଣତଃ ମହିଳାମାନଙ୍କୁ ଏକୁଟିଆ ବାହାରକୁ ଯିବା ପାଇଁ ମନାକରାଯାଏ । କିନ୍ତୁ କେବଳ ୯% । ମହିଳାମାନେ ନିଜ ଘରେ ଏବଂ କର୍ମ କ୍ଷେତ୍ରରେ ହିଁ ଯୌନ ଦୁଷ୍କର୍ମର ଶିକାର ବେଶି ପରିମାଣରେ ହୋଇଥାନ୍ତି । ଯାହା ବହୁତ କମ୍ ବିଶ୍ୱାସ ଯୋଗ୍ୟ ହୋଇଥାଏ ଏବଂ ଖୁବ୍ କମ ରିପୋର୍ଟ ହୋଇଥାଏ । ଯାହା ଫଳରେ ମହିଳାମାନଙ୍କ ସ୍ୱାଧିନତା ଏବଂ ଯାତାୟତକୁ ନିୟନ୍ତ୍ରଣ କରିଥାଏ ।

**୧୦) ଯଦି ମହିଳା କୌଣସି ଶାରିରିକ ଆଘାତ ପାଇଥିବ ଏବଂ ପ୍ରତିରୋଧ କରିନଥାଏ ତେବେ ତାକୁ ଧର୍ଷଣ ହୋଇନଥିବ ।**

ପ୍ରାୟତଃ ଧର୍ଷଣ ସମୟରେ ଧର୍ଷଣକାରୀକୁ ପିଟିବା, ମାରିବା, ଶାରିରୀକ ଆଘାତ ଦେବା, ଛୁରି କାତି ଆଦି ଅସ୍ତ୍ର ପ୍ରୟୋଗ କରିଥାନ୍ତି । ମାରିବା ସହ ବେଳେବେଳେ ମୃତ୍ୟୁର ମଧ୍ୟ ଶିକାର ହୋଇଥାନ୍ତି । ବହୁ ସମୟରେ ଘଟଣା ପରେ ଜୀବନ ପ୍ରତି ବିପଦବୋଲି ଧମକ ମଧ୍ୟ ଦେଇଥାନ୍ତି ।

**୧୧) ଧର୍ଷଣକାରୀ ନିଶ୍ଚିତ ରୂପେ ମାନସିକ ବିକାରଗ୍ରସ୍ତ ହୋଇଥାନ୍ତି ।**

ଗବେଷଣାରୁ ଜଣାପଡ଼ିଛି ଯେ ଧର୍ଷଣକାରୀ ମାନେ ସାଧାରଣତଃ ପୁରୁଷ ହୋଇଥାଆନ୍ତି ୫% ଦୋଷୀ ସାବ୍ୟସ୍ତ ଦୁଷ୍କର୍ମକାରୀଙ୍କୁ ମାନସିକ ଚିକିତ୍ସା ପାଇଁ ଆଦେଶ ଦିଆଯାଇଥାଏ । ତେଣୁକରି ମାନସିକ ରୋଗଗ୍ରସ୍ତ କହି ଏହିପରି ଦୋଷୀମାନଙ୍କୁ ଘଣ୍ଟ ଘୋଡାଇବା ଉଚିତ୍ ନୁହେଁ ।

**୧୨) ଦୁଷ୍କର୍ମକାରୀ ମାଦକ ଦ୍ରବ୍ୟ ସେବନ, ନିଶା ସେବନ କରିବା ବିଭିନ୍ନ ମାନସିକ ଚାପ ଯୋଗୁଁ ଦୁଷ୍କର୍ମ କରିଥାନ୍ତି ।**

ପୁରୁଷମାନେ ଦୁଷ୍କର୍ମକୁ ଘଣ୍ଟ ଘୋଡାଇବା ପାଇଁ ବିଭିନ୍ନ ପ୍ରକାର ବାହାନର ପ୍ରୟୋଗ କରିଥାନ୍ତି । ଦୁଷ୍କର୍ମକାରୀକୁ କୌଣସି କ୍ଷମା ନାହିଁ ।

**୧୩) ଧର୍ଷଣ କେବଳ ବଡ଼ ସହରରେ ଘଟିଥାଏ ।**

ଧର୍ଷଣ ସବୁଆଡେ ହେଉଛି । ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକଙ୍କ ଗବେଷଣା ଅନୁଯାୟୀ ନ୍ୟାୟାଳୟର ୭୦% ଦୁଷ୍କର୍ମ କେସ୍ ମାମଲା ଭୁକ୍ତ ହେଉଛି ଗ୍ରାମାଞ୍ଚଳର ଘଟଣା ।


NAWO
Connecting Women
NATIONAL ALLIANCE OF WOMEN, ODISHA CHAPTER
N6/474, IRC Village, Nayapalli, Bhubaneswar -15
Ph. 0674-2362094
E-mail: nawoodisha@gmail.com


# କେତେ ସତ
# କେତେ ମିଛ



ଯୌନ ଦୁଷ୍କର୍ମ ହେଉଛି ମହିଳାଙ୍କ ଆତ୍ମ ସମ୍ମାନର ଉଲଂଘନ, ଯାହା ତାଙ୍କ ସାରା ଜୀବନ ଏକ ଭୟ ତଥା ଶକ୍ତିହୀନ ଅବସ୍ଥାକୁ ଠେଲିଦେଇଥାଏ । ଅଧୁନା ସମାଜରେ ନବଜାତ ଶିଶୁ କନ୍ୟା ଠାରୁ ଆରମ୍ଭ କରି ୮୦ ବର୍ଷ ବୃଦ୍ଧା ପର୍ଯ୍ୟନ୍ତ ମହିଳାମାନେ ଦୁଷ୍କର୍ମର ଶିକାର ହେଉଛନ୍ତି । ଜାତି, ଧର୍ମ, ଶ୍ରେଣୀ, ବୟସ ନିର୍ବିଶେଷରେ କେହିବି ଏଥିରୁ ବାଦ୍ ପଡୁ ନାହାନ୍ତି । ମହିଳାଙ୍କ ବିରୁଦ୍ଧରେ ହିଂସା ତଥା ନିଜର ପୌରୁଷ ଏବଂ କ୍ଷମତା ଜାହିର କରି ମହିଳାଙ୍କୁ ନିଜର ଆୟତ୍ତକୁ ଆଣିବା, ପୁରୁଷର ଏକ ପ୍ରବୃତ୍ତି ପାଲଟିଯାଇଛି । ପ୍ରକୃତରେ ହିଂସାର କ୍ରୁରତା ଓ ମୂଳକାରଣ ବୁଝିବା ନିମନ୍ତେ ସଂବେଦନଶୀଳତା ବା ସଚେତନତାର ଆବଶ୍ୟକ, ଯାହାକି ସାଧାରଣତଃ ପୁରୁଷ ମାନଙ୍କ ପାଖରେ ନଥାଏ । ଫଳରେ ମହିଳାମାନଙ୍କୁ ନାନା ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିଥାଏ । ନ୍ୟାୟ ମିଳିବାତ ଦୂରକଥା ବରଂ କିପରି ଦୁଷ୍କର୍ମର ସମ୍ମୁଖୀନ ନ ହେବ ସେଥିପାଇଁ ଅନେକ ଅବାଞ୍ଛିତ ଏବଂ ଶୃଙ୍ଖଳା ଉପଦେଶ ମହିଳାମାନଙ୍କୁ ଶୁଣିବାକୁ ପଡ଼ିଥାଏ । ଯେପରି,

କ) ମହିଳାମାନେ ସମସ୍ତ ଶରୀରକୁ ଆଚ୍ଛାଦିତ କରି ପୋଷାକ ପିନ୍ଧିବା ଉଚିତ୍ ।

ଖ) ରାତିରେ ଏକାକୀ ରାସ୍ତାରେ ଯିବା ଉଚିତ୍ ନୁହେଁ ।

ଗ) ପର ପୁରୁଷ ସହ ଉଚ୍ଚ ସ୍ୱରରେ କଥା କହିବା ଅନୁଚିତ୍ ।

ଘ) ଘର ମଧ୍ୟରେ ଏକାକୀ ଥିଲେ ଘରର କବାଟ ବନ୍ଦ ରଖିବା ଉଚିତ୍ ।

ଏଭଳି ଅନେକ ଭୁଲ୍ ଧାରଣା ଯୋଗୁଁ ମହିଳାମାନେ ଅନେକଥର ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥାନ୍ତି ତଥା ସମାଜରେ ଏକ ଘୃଣ୍ୟରୂପରେ ବିଦ୍ୟମାନ ହୋଇଥାନ୍ତି । ପ୍ରକୃତରେ ଏହିସବୁ ଅଜ୍ଞାନ ଏବଂ ଭୁଲ୍ ଧାରଣା ଗୁଡ଼ିକୁ ସମାଜରୁ ଦୂରେଇ ଦେଇ ପୀଡ଼ିତା ମହିଳାଙ୍କୁ ସାଧାରଣ ମହିଳାରୂପେ ଗ୍ରହଣ କରିବା ଉଚିତ୍ ।

ଆସନ୍ତୁ ଏହିଭଳି କିଛି ଭୁଲଧାରଣା ଏବଂ ଏହାର ସତ୍ୟତା ବିଷୟରେ ଜାଣିବା ମହିଳାଙ୍କୁ ଆତ୍ମସମ୍ମାନର ସହିତ ବଞ୍ଚିବାକୁ ସୁଯୋଗ ଦେବା ।

**୧) ପ୍ରାୟତଃ ଯୌନ ଦୁଷ୍କର୍ମ ଅଜଣା ସ୍ଥାନ, ଅପରିଚିତ ଲୋକଙ୍କ ଦ୍ୱାରା ହୋଇଥାଏ ।**

ଶତକଡା ୮୦ ଭାଗ ଯୌନ ଦୁଷ୍କର୍ମ ଘଟଣାରେ ପୀଡ଼ିତା, ଦୁଷ୍କର୍ମକାରୀ ସହ ପରିଚିତ । ଏବଂ ଶତକଡ଼ା ୫୦ ଭାଗ ଏହି ଘଟଣାରେ ପୀଡ଼ିତା ଘରେ ତା'ର ଅତି ନିଜର ଲୋକଙ୍କ ଦ୍ୱାରା ଯେପରିକି ସମ୍ପର୍କୀୟ, ସାଙ୍ଗ, ସହକର୍ମୀଙ୍କ ଦ୍ୱାରା ଘଟିଥାଏ ।

**୨) ଯୌନ ଦୁଷ୍କର୍ମ କେବଳ ଏକ ମହିଳା ମାନଙ୍କ ସମସ୍ୟା ।**

ଯୌନ ଦୁଷ୍କର୍ମ ଏକ ସାମାଜିକ ସମସ୍ୟା ଏହା ଉଭୟ ମହିଳା ଓ ପୁରୁଷଙ୍କ ସହ ଘଟିପାରେ । ବିଭିନ୍ନ ଗବେଷଣାରୁ ଜଣାପଡୁଛି ଯେ ୭ ଜଣରୁ ଜଣେ ପୁରୁଷ / ପୁଅପିଲା ଯୌନ ଦୁଷ୍କର୍ମ ର ଶିକାର ହୋଇଥାଏ ।

**୩) କୌଣସି ମହିଳା ନିଜ ଇଚ୍ଛା ନଥିଲେ ଦୁଷ୍କର୍ମର ଶିକାର ହୁଅନ୍ତି ନାହିଁ । ସେ ଚାହିଁଲେ ନିଜକୁ ଦୁଷ୍କର୍ମ କବଳରୁ ରକ୍ଷା କରିପାରିବେ ।**

ସାଧାରଣତଃ ମହିଳାମାନେ ଶାରିରୀକ / ମାନସିକ ସ୍ତରରେ ପୁରୁଷମାନଙ୍କ ଠାରୁ ଦୁର୍ବଳ । ଦ୍ୱିତୀୟତଃ ଶତକଡ଼ା ୧୪ ଭାଗ ଘଟଣାରେ ପୁରୁଷ ମାନେ ବିଭିନ୍ନ ଅସ୍ତ୍ର ପ୍ରୟୋଗ କରିଥାନ୍ତି । ତୃତୀୟତଃ ଯଦି ଘଟଣାରକାରୀ ପରିଚିତ ହୋଇଥିବ ତେବେ ମହିଳାମାନେ ତାଙ୍କୁ ଆଘାତ ଦେବାକୁ ଚାହାଁନ୍ତି ନାହିଁ କିମ୍ବା ତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରନ୍ତି ନାହିଁ, ଏହି ସବୁ ସତ୍ୟତାକୁ ହେଳା କଲେ ଆମେ କମା କହିପାରିବା ନାହିଁ ମହିଳାମାନେ ଦୁଷ୍କର୍ମକୁ ପ୍ରତିରୋଧ କରନ୍ତି ନାହିଁ ବୋଲି ।

**୪) ଏହା କେବଳ ସୁନ୍ଦର ଯୁବତୀଙ୍କ ସାଙ୍ଗରେ ଘଟିଥାଏ ।**

ଯେକୌଣସି ବ୍ୟକ୍ତି ଯୌନ ଦୁଷ୍କର୍ମରେ ଶିକାର ହୋଇପାରିବେ । ଗବେଷଣାରୁ ଜଣାପଡୁଛିଯେ ପୀଡ଼ିତ / ପୀଡ଼ିତା ନବଜାତ ଶିଶୁ ଠାରୁ ବୃଦ୍ଧ, ଯେକୌଣସି ବୟସ, ରଙ୍ଗ, ଶାରୀରିକ /ମାନସିକ ଅନଗ୍ରସର ସାମାଜିକ ବା ଅର୍ଥନୈତିକ ବ୍ୟକ୍ତି ବିଶେଷଙ୍କ ସାଙ୍ଗରେ ଘଟିପାରେ । ଦୁଷ୍କର୍ମକାରୀ ଶରୀର ବା ରଙ୍ଗ କୁ ନେଇ ବାଛ ବିଚାର କରି ଦୁଷ୍କର୍ମ କରିନଥାଏ । କିନ୍ତୁ ପ୍ରାୟତଃ ଯୁବତୀ ମାନଙ୍କ ସଂଖ୍ୟା ଅଧିକ ହୋଇଥାଏ ।

**୫) ମହିଳାମାନେ ନିଜର ବେଶ ପରିପାଟି ଏବଂ ବ୍ୟବହାର ଦ୍ୱାରା ପୁରୁଷମାନଙ୍କୁ ଦୁଷ୍କର୍ମ କରିବା ପାଇଁ ଉତ୍ସାହିତ କରିଥାନ୍ତି ବା ଆମେ କହିପାରିବାଯେ ଛୋଟ ଡ୍ରେସ୍ ଦୁଷ୍କର୍ମର କାରଣ ହୋଇଥାଏ ।**

ଯେକୌଣସି ବର୍ଗ, ଜାତି, ବୟସ, ସମାଜ, ସଂସ୍କୃତିର ଝିଅ ଏବଂ ମହିଳାମାନେ ଯୌନ ଶୋଷଣର ଶିକାର ହେଉଛନ୍ତି । ଶାରୀରିକ ବା ବାହ୍ୟ ଆକର୍ଷଣର ସାମାନ୍ୟ ପ୍ରଭାବ ଏହା ଉପରେ ପଡିଥାଏ । ତଥ୍ୟରୁ ଜଣା ପଡିଛି ଯେ ଯେଉଁ ମହିଳାମାନେ ଏହି ଘଟଣାର ସାମ୍ନା କରିଛନ୍ତି ସେମାନଙ୍କ ବଞ୍ଚିବା ଶୈଳୀ ବହୁ ପ୍ରକାରର ଅଛି । ଦୁଷ୍କର୍ମକାରୀମାନେ ମହିଳାମାନଙ୍କ ବେଶଭୂଷାକୁ ନୁହେଁ ଅସହାୟତାକୁ ନେଇ ଦୁଷ୍କର୍ମ କରିଥାନ୍ତି । ଯଦି ଡ୍ରେସ ଯୋଗୁଁ ଦୁଷ୍କର୍ମ ହୋଇଥାନ୍ତି ତେବେ ଜନ୍ମ ଶିଶୁ ଏବଂ ୮୦ ବର୍ଷ ବୟସ ମହିଳା ମାନଙ୍କୁ ଦୁଷ୍କର୍ମ ହୋଇନଥାନ୍ତା । ଯୌନ ଦୁଷ୍କର୍ମ ଏ ପ୍ରକାରର ହିଂସା, ଏବଂ କ୍ଷମତା ଜାହିର୍ କରିବାର ମାଧ୍ୟମ, ନୁହେଁକି ଯୌନକ୍ରୀୟା ।

**୬) ମହିଳା ମାନେ ଗୋପନରେ ଯୌନ ଦୁଷ୍କର୍ମ ଚାହାନ୍ତି । ସେମାନେ ଯେଉଁ ନା କରିଥାନ୍ତି, ଏହାର ଅର୍ଥ ବହୁସମୟରେ ସେମାନେ ଚାହିଁଥାନ୍ତି ଧର୍ଷଣ ହେବାକୁ ।**

ଯୌନ ଦୁଷ୍କର୍ମ ଏକ ଭୟାନକ, ହିଂସାତ୍ମକ, ଅପମାନଜନକ ଘଟଣା ଯାହାକୁ କୌଣସି ମହିଳା କେବେ ଇଚ୍ଛା କରିନଥାନ୍ତି । ଆଉନ୍ କହେ ଜଣେ ଲୋକ ତା ଇଚ୍ଛା ମୁତାବକ, ଯୌନ ସମ୍ପର୍କ ରଖିପାରିବ କିନ୍ତୁ ଏହା ମାନେ ନୁହେଁ ଯେ ତାଙ୍କ ବିନା ଅନୁମତି ବା ଇଚ୍ଛା ସେହି ବ୍ୟକ୍ତି ଯୌନ କ୍ରିୟା କରିପାରିବ । ଯାହାକୁ ମଧ୍ୟ ଯୌନ ଦୁଷ୍କର୍ମ ର ଅର୍ନ୍ତଭୁକ୍ତ କରାଯାଇଛି ।

**୭) ପ୍ରାୟତଃ ରିପୋର୍ଟେଡ୍ ଘଟଣା ଗୁଡ଼ିକ ମିଥ୍ୟା ହୋଇଥାଏ ।**

କୌଣସି ମହିଳା ଯୌନଦୁଷ୍କର୍ମ କୁ ନେଇ କେବେ ମିଥ୍ୟା ରିପୋର୍ଟ କରିବ ନାହିଁ । ତଥ୍ୟ ଅନୁଯାୟୀ କେବଳ ୨ . ରିପୋର୍ଟେଡ୍ ଘଟଣା ମିଥ୍ୟା ବୋଲି ଜଣାପଡ଼ିଛି ।

**୮) ଯୌନ ଦୁଷ୍କର୍ମ ଏକ ଯୌନ କ୍ରୀୟା :**

ଯୌନ ଦୁଷ୍କର୍ମ ଏକ ଯୌନ କ୍ରୀୟା ନୁହେଁ ବରଂ ଜଣକ ଉପରେ ବଳ ପ୍ରୟୋଗ ଏବଂ ନିୟନ୍ତ୍ରଣ ଅଟେ ଏହା ଘଟିଥିବା ବ୍ୟକ୍ତିଙ୍କ ଉପରେ ଏକ ହିଂସାତ୍ମକ ଆଚରଣ । ପ୍ରତି ୫ ଜଣରେ ଜଣେ ମହିଳା ବଳପୂର୍ବକ ଯୌନ ସମ୍ପର୍କର ଶିକାର ହୋଇଥାଆନ୍ତି ଯାହାକି ଶକ୍ତି, ନିୟନ୍ତ୍ରଣ ଏବଂ ରୋଗର ପରାକାଷ୍ଠା । ୬୦% ଦୋଷି ସାବ୍ୟସ୍ତ ଦୁଷ୍କର୍ମକାରୀମାନେ ବିବାହିତ ଯେଉଁମାନେ କି ନିୟମିତ ଭାବେ ଯୌନ କ୍ରୀୟା ସମ୍ପାଦନ